## ବଦଳିଲେ ବଡ଼ସାହି ଥାନା ଆଇଆଇସି

ବଡ଼ସାହି,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଆଇଆଇସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟଙ୍କ ବଦଳି ହୋଇଛି। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଜିଲାର ୨ଜଣ ଇନ୍ସପେକ୍ଟର ଓ ୩ ଜଣ ସବଇନ୍ସପେକ୍ଟରଙ୍କ ବଦଳି ହୋଇଛି। ଆଇଆଇସି ଆଚାର୍ଯ୍ୟଙ୍କୁ ବାରିପଦା ମୁଖ୍ୟାଳୟକୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ମହୁଲଡିହା ଥାନା ଇନ୍ସପେକ୍ଟର ସଞ୍ଜୟ କୁମାର ପରିଡ଼ାଙ୍କୁ ବଡ଼ସାହି ଥାନା ଅଧିକାରୀ ଭାବେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସଂକ୍ଷେପରେ

## ସି.କେ. ନାଇଡୁ ଟ୍ରଫି: ଓଡ଼ିଶା ଦଳରେ ଭଦ୍ରକର କିଷାନ

ଭଦ୍ରକ ଅଫିସ,୩୦।୧୨-ଜାନୁୟାରୀ ପହିଲାରୁ କର୍ଣ୍ଣାଟକର ବେଙ୍ଗାଲୁରୁଠାରେ ଆରମ୍ଭ ହେବାକୁ ଥିବା ସି.କେ. ନାଇଡୁ ଟ୍ରଫି ପ୍ରତିଯୋଗିତା ପାଇଁ ଘୋଷିତ ଓଡ଼ିଶା କ୍ରିକେଟ ଦଳରେ ଭଦ୍ରକ ଜୁନିୟର କଲେଜର



ଯୁକ୍ତ ୨ ଛାତ୍ର କିଷାନ ମନୋହର ମହାନ୍ତି ମନୋନୀତ ହୋଇଛନ୍ତି। ସେ ଚରମ୍ପା ପାଞ୍ଚପଡ଼ା ଗ୍ରାମର ନିବେଦିତା ଓ ରତ୍ନାକର ମହାନ୍ତିଙ୍କ ପୁଅ। ଜଗନ୍ନାଥପୁର କ୍ରିକେଟ କ୍ଲବରୁ ନିଜର କ୍ରିକେଟ କ୍ୟାରିୟର ଆରମ୍ଭ କରିଥିବା ବେଳେ ଏବେ ସେ ଭଦ୍ରକ କ୍ରିକେଟ ଏକାଡେମୀ ପାଇଁ ଖେଳୁଛନ୍ତି। ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ଧିରେନ ପଲାଇ, ସଭାପତି ଉପେନ୍ଦ୍ର ବାରିକ, କୋଷାଧ୍ୟକ୍ଷ ବ୍ୟୋମକେଶ ସେନାପତି ଓ ଜଗନ୍ନାଥପୁର କ୍ଲବର ସଦସ୍ୟମାନେ ତାଙ୍କ ସଫଳତା କାମନା କରିଛନ୍ତି।

## କୁଆମରା କଲେଜର ବାର୍ଷିକ କ୍ରୀଡ଼ା

ଗୋପବନ୍ଧୁ ନଗର,୩୦।୧୨(ଡି.ଏନ.ଏ.)- ଗୋପବନ୍ଧୁ ନଗର ବ୍ଲକ ଅଧୀନ କୁଆମରା ସାରସ୍ୱତ ଉଚ୍ଚ ମାଧମିକ ବିଦ୍ୟାଳୟର ଦୁଇ ଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଖେଳ ଶିକ୍ଷକ ପ୍ରଦୀପ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କ୍ରୀଡ଼ାକୁ ଅଧକ୍ଷ ବସନ୍ତ କୁମାର ଦାଶ ଉଦ୍‌ଘାଟନ କରିଥିଲେ। ଏଥିରେ ବାଳିକା ଓ ବାଳକ ବିଭାଗର ମୋଟ ୧୯ଟି ଇଭେଣ୍ଟ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଳକ ବିଭାଗରେ ପ୍ରଥମ ବର୍ଷର ଛାତ୍ର ନିରଞ୍ଜନ ସାମଲ ଓ ବାଳିକା ବିଭାଗରେ ଦ୍ୱିତୀୟ ବର୍ଷର ଛାତ୍ରୀ ସୁକୁମାରୀ ସିଂ ଚଳିତ ବର୍ଷ ଚାମ୍ପିୟନ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅଧାପକ ରତ୍ନାକର ମିଶ୍ର, ବସନ୍ତ କୁମାର ସାହୁ, ରବିନ୍ଦ୍ର କୁମାର ପଣ୍ଡା, ଗଜେନ୍ଦ୍ର ନାଥ ନାୟକ, ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ନିରନ୍ତର ପ୍ରଚେଷ୍ଟା ଓ ସଂଘର୍ଷ ଦ୍ୱାରା ଶକ୍ତି ଏବଂ ସମୃଦ୍ଧି ମିଳେ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ କଲେଜର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳ ପ୍ରକାଶ

ଚମ୍ପୁଆ,୩୦।୧୨(ଡି.ଏନ.ଏ): କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍‌ରେ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାଫଳ ପ୍ରକାଶ ପାଇଛି। ଏଥିରେ ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀଛାତ୍ରମାନେ ବାଜିମାତ୍ କରିଛନ୍ତି। ସରସ୍ୱତୀ ଶିଶୁମନ୍ଦିର କରିଆର ଛାତ୍ରୀ ଶକ୍ତି ପ୍ରଦାୟିନୀ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସରସ୍ୱତୀ ଶିଶୁ ମନ୍ଦିର ଚମ୍ପୁଆର ଛାତ୍ର ଦିପ୍ ମୁର୍ମୁ ଦ୍ୱିତୀୟ, ଓମପ୍ରକାଶ ନାଏକ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ କରିଆ ସରସ୍ୱତୀ ଶିଶୁମନ୍ଦିରର ଛାତ୍ର ଗୌରବ ପଣ୍ଡା ଚତୁର୍ଥ, କେମୁଣ୍ଡିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଜ୍ୟୋତିର୍ମୟୀ ମହାନ୍ତ ପଞ୍ଚମ, ସରସ୍ୱତୀ ଶିଶୁମନ୍ଦିର ରିମୁଳିର ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଗିରି ଷଷ୍ଠ, ଚମ୍ପୁଆ ଶିଶୁମନ୍ଦିରର ଛାତ୍ର ଓମ ସୁଭମ ନନ୍ଦ ସପ୍ତମ ସ୍ଥାନ ଅଧିକାର କରିଥିବା ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ନାଏକ ସୂଚନା ଦେଇଛନ୍ତି।

# ପାର୍କ ଭ୍ରମ ସୃଷ୍ଟି କରୁଛି ବ୍ଲକ କାର୍ଯ୍ୟାଳୟ ପରିସର

ଦୀପକ ମିଶ୍ର
କେନ୍ଦୁଝର,୩୦।୧୨

**ପ୍ରକୃତି ପ୍ରେମରେ ବିଡିଓ**
- ନିଜେ କୋଦାଳ ଧରି ବଗିଚାରେ କାମ କରନ୍ତି
- ୫୦ କିସମର ଆମ୍ବଗଛ ଲଗାଇ ଚର୍ଚ୍ଚାରେ ଥିଲେ

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ପରିସରର ସୌନ୍ଦର୍ଯ୍ୟ ବଢ଼ାଉଛି ବିଭିନ୍ନ କିସମର ଗେଣ୍ଡୁ, ସେବତୀ, ଜିନିଆ ଆଦି ସୌନ୍ଦର୍ଯ୍ୟପୂର୍ଣ୍ଣ ଗଛ। ବ୍ଲକ୍ ପରିସରକୁ ପ୍ରବେଶ କଲେ ଏହା ଏକ ପାର୍କର ଭ୍ରମ ସୃଷ୍ଟି କରିବ। କୌଣସି ସରକାରୀ ଯୋଜନାରେ ନୁହେଁ, ଏଠାରେ ନୂତନ ଭାବେ ଯୋଗ ଦେଇଥିବା ବିଡିଓ ଉମାକାନ୍ତ ପରିଡ଼ାଙ୍କ ପ୍ରକୃତି ପ୍ରେମ ଉକ୍ତ ପରିବେଶକୁ ପରିବର୍ତ୍ତନ କରିଦେଇଛି। ବ୍ଲକ୍ କାର୍ଯ୍ୟାଳୟର ପରିତ୍ୟକ୍ତ ପରିସରକୁ ନିଜ ଉଦ୍ୟମରେ ସୌନ୍ଦର୍ଯ୍ୟମୟ କରିଥିବାରୁ ତାଙ୍କୁ ଚାରିଆଡୁ ପ୍ରଶଂସାର ସୁଅ ଛୁଟୁଛି। ପ୍ରଶାସନିକ ଅଧିକାରୀ ହୋଇ ବି ଯେଉଁ କର୍ମକ୍ଷେତ୍ରକୁ ବଦଳି ହୋଇ ଯାଇଛନ୍ତି ସେଠାରେ ସୁନ୍ଦର ପରିବେଶ ସୃଷ୍ଟି କରିବା ତାଙ୍କର ନିଶା ପାଲଟିଛି। ତାଙ୍କର ଇଚ୍ଛାଶକ୍ତି ଆଗରେ ପ୍ରଶାସନିକ ଅଙ୍କୁଶ ଅନ୍ତରାୟ ସୃଷ୍ଟି କରିପାରିନାହିଁ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ସେ ଆନନ୍ଦପୁରରେ ବିଡିଓ ଦାୟିତ୍ୱରେ ଥିବା ବେଳେ



ବଗିଚାରେ ବିଡିଓ ଉମାକାନ୍ତ ପରିଡ଼ା କାମ କରୁଛନ୍ତି।

କାର୍ଯ୍ୟାଳୟ ପରିସରରେ ୫୦ କିସମର ଆମ୍ବଗଛ ଲଗାଇ ଚର୍ଚ୍ଚାରେ ଥିଲେ। ଏପରିକି ଯାଜପୁର ଜିଲାର ରସୁଲପୁର ବ୍ଲକ୍‌ରେ ଥିବାବେଳେ ପ୍ରାୟ ୫୦୦ ଏକର ଜାଗାକୁ ବନୀକରଣ କରାଇଥିଲେ। ଏବେ ଝୁମ୍ପୁରା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ମାତ୍ର ୩ ମାସ ମଧ୍ୟରେ ଉପଯୁକ୍ତ ଭିତ୍ତିଭୂମି ପ୍ରସ୍ତୁତ କରି ପ୍ରାୟ ୫ ଏକର ଜମିରେ ୩୦ ହଜାରରୁ ଉର୍ଦ୍ଧ୍ୱ ଚାରାରୋପଣ କରାଇଛନ୍ତି। ଏଥିରେ ୭ଟି କିସମର ୫ ହଜାର ଗେଣ୍ଡୁ, ୫ କିସମର ୨ହଜାର ସେବତୀ ଫୁଲ ସହ ଅନେକ କିସମର ଜିନିଆ ଗଛ ଲଗାଇଛନ୍ତି। ଗତ ଅଗଷ୍ଟ ମାସରେ ଝୁମ୍ପୁରା ବ୍ଲକ୍‌ରେ ଯୋଗଦେଇ ବ୍ଲକ୍‌ର ଭଙ୍ଗା ଭିତ୍ତିଭୂମି ଓ ଅସଜଡ଼ା ପରିସର ସଜାଡ଼ିବାକୁ ପ୍ରୟାଶ ଆରମ୍ଭ କରିଥିଲେ। ନିଜର ବ୍ୟସ୍ତ ବହୁଳ ଜୀବନ ଚର୍ଯ୍ୟାରୁ ମିଳୁଥିବା ସମୟରେ ନିଜ ହାତରେ କୋଡ଼ି ଧରି ବଗିଚା ସୃଷ୍ଟି କରିବାକୁ ସେ ଭଲ ପାଆନ୍ତି ବୋଲି ପ୍ରକାଶ କରିଛନ୍ତି। କର୍ମକ୍ଷେତ୍ରର ପରିସରକୁ ନୂତନ ରୂପ ଦେବା ତାଙ୍କର ସବୁବେଳେ ଇଚ୍ଛା ରହିଆସିଛି। ଏପରିକି କାନ୍ଥ ଓ ବାଡ଼ ଗୁଡ଼ିକରେ ରଙ୍ଗ ଓ ଚିତ୍ର ଦ୍ୱାରା ସୌନ୍ଦର୍ଯ୍ୟକରଣ କରନ୍ତି। ବର୍ତ୍ତମାନ ବ୍ଲକ୍ ପରିସରକୁ ଏକ ଘରୋଇ ଉଦ୍ୟାନର ରୂପ ଦେବା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। ଏ ସମ୍ପର୍କରେ ପଚାରିବାରୁ ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳର ପରିବେଶବିତ୍ ସଂଗ୍ରାମ କେଶରୀ ରାଉତଙ୍କ କାର୍ଯ୍ୟ ତାଙ୍କୁ ସୌନ୍ଦର୍ଯ୍ୟମୟ ପରିବେଶ ସୃଷ୍ଟି କରିବାରେ ପ୍ରେରଣା ଦେଇଛି ବୋଲି ସେ କହିଥିଲେ।

## ପୂର୍ବାଶାର ବର୍ଷାନ୍ତ ସାହିତ୍ୟ ଆସର

ବାହାନଗା, ୩୦।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଜୁଣିଆଁସ୍ଥିତ ସାହିତ୍ୟ ଅନୁଷ୍ଠାନ ପୂର୍ବାଶା- ସାହିତ୍ୟ ସଂସ୍କୃତିକ ପ୍ରତିଷ୍ଠାନର ବର୍ଷାନ୍ତ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶଙ୍କର୍ଷଣ ଶିଅଳ ଅଧକ୍ଷତା କରିଥିଲେ। ଉଦୀୟମାନ କଣ୍ଠଶିଳ୍ପୀଙ୍କ ପ୍ରାରମ୍ଭିକ ଭକ୍ତି ସଙ୍ଗୀତ ଗାନ କରାଯିବା ପରେ ଅଧାପକ କୈଳାସ ଚନ୍ଦ୍ର ମିଶ୍ର ବେଦପାଠ କରିଥିଲେ। ପରେ କବି ରମଣୀକାନ୍ତ ମିଶ୍ରଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତାପାଠ ଆସର ଅନୁଷ୍ଠିତ ହୋଇଥିଲା। ପରେ ସାହିତ୍ୟ-ସାହିତ୍ୟକ- ସାହିତ୍ୟ ସଙ୍ଗଠନର ଭବିଷ୍ୟତ ଶୀର୍ଷକ ଆଲୋଚନା କରାଯାଇଥିଲା। ଏହି ଆଲୋଚନାଚକ୍ରରେ ବଂଶୀଧର ଜେନା, କରୁଣାକର ଶଙ୍ଖୁଆ, ଯୋଗେନ୍ଦ୍ର ପାଣିଗ୍ରାହୀ, ଦୋଳଗୋବିନ୍ଦ ବେହେରା, ଅନିରୁଦ୍ଧ ରାଉତ, ମନୀନ୍ଦ୍ର ଦୀକ୍ଷିତ, ଧରଣୀଧର ପାତ୍ର, ସୁରେଶ ଚନ୍ଦ୍ର ବେହେରା ଏବଂ ଅଧାପିକା ଡ. ଜ୍ୟୋସ୍ନାମୟୀ ସେଠୀ, ଅନୀତା ଜେନା ଓ ପ୍ରତିମା ପାତ୍ର ପ୍ରମୁଖ ଅଂଶଗ୍ରହଣ କରି ଆଲୋଚନା କରିଥିଲେ। ସାହିତ୍ୟ



ଆସରରେ ଉପସ୍ଥିତ କବି ଓ ସାହିତ୍ୟିକ।

କେବଳ ଜୀବନ ଜୀଇଁବା କଳାର ନନ୍ଦନିକା ପରି ପ୍ରକାଶ ବୋଲି ବକ୍ତାମାନେ ଉଲ୍ଲେଖ କରିଥିଲେ। ଏଥିରେ ପ୍ରଦୀପ କୁମାର ଶିଅଳ, ମମତା ଶିଅଳ ଏବଂ ଗୋପାଳପୁର ମହାବିଦ୍ୟାଳୟ ଏନସିସି ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଅଧାପକ କୈଳାସ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।

# ଜିଲା ଶିକ୍ଷାଧିକାରୀଙ୍କ ଅଫିସ ଆଗରେ ଆମରଣ ଅନଶନ




ଶିକ୍ଷାଧିକାରୀଙ୍କ ଅଫିସ ସମ୍ମୁଖରେ ଆମରଣ ଅନଶନ।

ବାଲେଶ୍ୱର ଅଫିସ, ୩୦।୧୨

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ କାହ୍ନୁପୁର ନୋଡ଼ାଲ ପ୍ରାଥମିକ ବିଦ୍ୟାଳୟର ନବନିର୍ବାଚିତ ପରିଚାଳନା କମିଟିକୁ ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୂତାର ଅନୁମତି ନ ଦେବାରୁ ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସଙ୍କ ନେତୃତ୍ୱରେ ଶତାଧିକ ଅଭିଭାବକ ଶୁକ୍ରବାର ଜିଲା ଶିକ୍ଷାଧିକାରୀଙ୍କ ଅଫିସ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। କାହ୍ନୁପୁର ସ୍କୁଲ ପରିଚାଳନା କମିଟି ଗଠନ ସମ୍ପର୍କରେ ବାରମ୍ବାର ବୈଠକ ତାରିଖ ବାତିଲ ହେବା ପରେ ଗତ ଅକ୍ଟୋବର ୨୯ ତାରିଖରେ ବୈଠକ ହୋଇଥିଲା। ଏଥିରେ ୫୮ଜଣ ଅଭିଭାବକ ଉପସ୍ଥିତ ହେଲେ। ଭୋଗରାଇ ବ୍ଲକ ଦାୟିତ୍ୱରେ ଥିବା ବିଇଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଶିକ୍ଷା ବିଭାଗର ସମସ୍ତ ନୀତିନିୟମ ଅନୁଯାୟୀ କୋରମ ହୋଇଥିବାରୁ ପରିଚାଳନା କମିଟି ଗଠନ ହେଲା। ଏ ସମ୍ପର୍କରେ ଭୋଗରାଇ ବିଇଓ ବିଧିବଦ୍ଧ ଭାବେ ଘୋଷଣା କରିଥିଲେ। ଏହି ପରିଚାଳନା କମିଟିକୁ ଅବୈଧ ବୋଲି ଦର୍ଶାଇ କେତେଜଣ ବ୍ୟକ୍ତି ଜିଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ଭୋଗରାଇ ବିଇଓଙ୍କ ନିକଟରୁ କୌଣସି କାଗଜପତ୍ର ନ ଦେଖି ତତ୍‌କ୍ଷଣାତ୍ ରେମୁଣା ବିଇଓଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ରେମୁଣା ବିଇଓ ତଦନ୍ତ କରିବାକୁ ଯାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଇତିମଧ୍ୟରେ ଗ୍ରାମବାସୀ ବାରମ୍ବାର ଜିଲା ଶିକ୍ଷାଧିକାରୀଙ୍କୁ ସାକ୍ଷାତ କରିଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ବାଧ ହୋଇ ଅନଶନ କରିଛନ୍ତି। ସୁରେନ୍ଦ୍ର କୁମାର ଜେନା, ହରେକୃଷ୍ଣ ରାଉଳ ,ଅନନ୍ତ କୁମାର ଦେ, ଅଜିତ କୁମାର ସିଂହ ଓ ନରହରି ପାତ୍ର ପ୍ରମୁଖ ଆମରଣ ଅନଶନ ସାମିଲ ରହିଛନ୍ତି।

## ସୁନାମୁଖୀ ଠାକୁରାଣୀ ଓଷା ଉଦ୍‌ଯାପିତ: ରଡ଼ ନିଆଁରେ ଚାଲିଲେ ମାନସିକଧାରୀ

ପାଟଣା,୩୦।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ ସ୍ୱାମ ନାଏକ ସାହିରେ ଶୁକ୍ରବାର ସୁନାମୁଖୀ ଠାକୁରାଣୀ ପୀଠରେ ଚାଲିଥିବା ବାର୍ଷିକ ଠାକୁରାଣୀ ଓଷା ଉଦ୍‌ଯାପିତ ହୋଇଯାଇଛି। ସପ୍ତାହେ ବ୍ୟାପି ଚାଲିଥିବା ଓଷାର ଅନ୍ତିମ ଦିନରେ ଦେହୁରୀ ରାମ ନାଏକ ଠାକୁରାଣୀଙ୍କ ପୂଜାପାଠ କରିଥିଲେ। ପରେ ମାନସିକଧାରୀ କାଳସୀମାନେ କଣ୍ଟା କଠଉପିନ୍ଧି ଚାଲିବା, କଣ୍ଟା ପିଢ଼ାରେ ବସିବା, ଚାବୁକ ପ୍ରହାର ଖାଇବା ସହ ରଡ଼ ନିଆଁରେ ଚାଲିଥିଲେ। କାଳସୀ ଭାବେ କୁଳୁଧର ନାଏକ, ଡିରୁ ନାଏକ, କନ୍ଦର୍ପ ନାଏକ, ଦିନବନ୍ଧୁ ନାଏକ, ଫକୀରଚରଣ ନାଏକ, ଅଗ୍ନି କୁଁଆରୀ ଭାବେ ବିଚିତ୍ର ନାଏକ, ପ୍ରଶାନ୍ତ ନାଏକ, ଦେଶୁଆ ନାଏକ, ଝୁଗୁଡୁ ନାଏକ, ରଙ୍ଗା ନାଏକ, ସେହେନସା ପ୍ରମୁଖ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ଗୌର ହରି ନାଏକ, ବୁଢ଼ା ନାଏକ, ପିଣ୍ଟୁ ନାଏକ ପ୍ରମୁଖ ପରିଚାଳନା କରିଥିଲେ।

## ଜାତୀୟ ସେବା ଯୋଜନା ଶିବିର

ଢେଙ୍କିକୋଟ,୩୦।୧୨(ଡି.ଏନ.ଏ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ପିପିଳିଆ ପଞ୍ଚାୟତ ପିପିଳିଆ ଗ୍ରାମର ଲକ୍ଷ୍ମୀ ନାରାୟଣ ଉଚ୍ଚ ମାଧମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ସାତଦିନବ୍ୟାପି ଶୀତକାଳୀନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ ଛାତ୍ର ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସରେ ସଭାପତି ଭାବେ ଲକ୍ଷ୍ମୀ ନାରାୟଣ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ନିରାକାର ସ୍ୱାଇଁ, ମୁଖ୍ୟ ଅତିଥି ଭାବେ ଖବରଦାତା ନୃସିଂହ ନାଥ ସିଂହ, ଏନ୍‌ଏସଏସର ପ୍ରୋଗ୍ରାମ ଅଫିସର ଅଧାପକ ହେମନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରମାନେ ଗ୍ରାମ ସଫେଇ ସହ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ କରିଥିଲେ। ସମାଜସେବୀ ଅଜିତ୍ ପୃଷ୍ଟି, ଅଧାପକ ଅଲେଖ ପ୍ରସାଦ ସାହୁ, ଜିତେନ୍ଦ୍ର ସାହୁ, ଅମୀୟ ରାଉତ, ଚନ୍ଦ୍ରଶେଖର ଭୂୟାଁ, ଡା. ସୁରେଶ ବେହେରା, ଅଧାପିକା ରଶ୍ମିତା ପୃଷ୍ଟି ସମେତ ଅନ୍ୟ ଅଧାପିକା, ଅଧାପକ ଓ କର୍ମଚାରୀ ସହଯୋଗ କରିଥିଲେ।




ଶୀତକାଳୀନ ଶିବିରରେ ଉପସ୍ଥିତ ଅତିଥିମାନେ।

# ପଞ୍ଚାୟତ ଉନ୍ନୟନ କାର୍ଯ୍ୟରେ ବାଧା ଦେଉଛନ୍ତି ବିରୋଧୀ

### ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଭିତ୍ତିହୀନ କହିଲେ ସରପଞ୍ଚ

ଭଣ୍ଡାରିପୋଖରୀ,୩୦।୧୨(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ବିଷ୍ଣୁପୁର ପଞ୍ଚାୟତରେ ୱାର୍ଡସଭ୍ୟାସଭ୍ୟଙ୍କୁ ଅବଗତ ନ କରାଇ ସରପଞ୍ଚ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ କରୁଥିବା ନେଇ ଜିଲା ପଞ୍ଚାୟତ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ମିଥ୍ୟା ବୋଲି ପଞ୍ଚାୟତରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ସରପଞ୍ଚ ଅମୂଲ୍ୟ କୁମାର ନାୟକ। ଦାୟିତ୍ୱ ଗ୍ରହଣ କରିବା ପରଠାରୁ ସେ ବହୁ ଉନ୍ନୟନମୂଳକ କାର୍ଯ୍ୟ କରୁଥିବାରୁ ବିରୋଧୀମାନେ ତାଙ୍କ ପ୍ରତି ଅସହିଷ୍ଣୁ ହୋଇପଡ଼ିଛନ୍ତି। ସମସ୍ତ ୱାର୍ଡସଭ୍ୟାସଭ୍ୟଙ୍କୁ ଜଣାଇ ବିଭିନ୍ନ ଯୋଜନାରେ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି। ସ୍ୱଚ୍ଛ ଭାରତ ଯୋଜନାରେ ପ୍ରତ୍ୟେକ ପରିବାରକୁ ମିଳୁଥିବା ଆବର୍ଜନା କୁଣ୍ଡ ହେଉ କି ୫/୬ଟି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରକଳ୍ପ କାର୍ଯ୍ୟ ଠିକ୍ ଭାବେ କରାଯାଇଛି। ୱାର୍ଡସଭ୍ୟାସଭ୍ୟଙ୍କ ଉପସ୍ଥାନରେ ବିବରଣୀ ଲିପିବଦ୍ଧ କରାଯାଇଛି। ସଭ୍ୟମାନେ ବୈଠକକୁ ଆସି ସବୁକିଛି ଜାଣି କରି ଯାଉଥିବା ସ୍ପଷ୍ଟ ହୋଇଥିବା ବେଳେ ଏହି ଅଭିଯୋଗ କେବଳ ବିରୋଧ କରିବାକୁ ଉଦ୍ଦିଷ୍ଟ ବୋଲି ସରପଞ୍ଚ ନାୟକ କହିଛନ୍ତି।

## ବିପର୍ଯ୍ୟୟ ପ୍ରତିରୋଧକ ତାଲିମ

ଧାମନଗର, ୩୦।୧୨ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ପଧାନୀ ପଞ୍ଚାୟତସ୍ଥିତ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଓ ସରକାରୀ କର୍ମଚାରୀଙ୍କୁ ନେଇ ବିପର୍ଯ୍ୟୟ ପ୍ରତିରୋଧକ ଗୋଷ୍ଠୀ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଧାମନଗର ଥାନା ଅଧିକାରୀ ବନମାଳୀ ବାରିକ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ ଉଦ୍ଧାର କରିବା ନେଇ ବିଭିନ୍ନ କୌଶଳ ଶିଖା ଯାଇଥିଲା। ୫୦ ଯୁବତୀ ଯୁବକଙ୍କୁ ତାଲିମ ପ୍ରଦାନ କରାଯାଇଛି। ସରପଞ୍ଚ ଅଶୋକ ପୁହାଣଙ୍କ ଅଧକ୍ଷତାରେ ଆଶୀର୍ବାଦ ସାମାଜିକ ସଙ୍ଗଠନ ସଂଯୋଜିକା ମଞ୍ଜୁଲତା ସ୍ୱାଇଁ ଓ ରାଧାଶ୍ୟାମ ବିଶ୍ୱାଳ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ କାଳୀପଦ ରାୟ ଓ ବସନ୍ତ ଖିଲାର ତାଲିମ ପ୍ରଦାନ କରିଥିଲେ।

## ପୁଷ୍ଟିହୀନ ପିଲାଙ୍କ ପାଇଁ ପରାମର୍ଶ ସେବା ଶିବିର

ସାରସକଣା,୩୦।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ସାରସକଣା ଶିଶୁ ବିକାଶ କେନ୍ଦ୍ର ପରିସରରେ ଅତିଶୟ ପୁଷ୍ଟିହୀନ ଶିଶୁମାନଙ୍କ ପାଇଁ ଶିଶୁ ବିକାଶ ଅଧିକାରିଣୀ ଭାନୁମତି ବେହେରାଙ୍କ ଅଧକ୍ଷତାରେ ଏକ ପରାମର୍ଶ ସେବା ଶିବିର ଆୟୋଜିତ ହୋଇଯାଇଛି। ଯେଉଁ ଶିଶୁମାନଙ୍କ ଓଜନ ଏବଂ ଉଚ୍ଚତା ବୟସ ଅନୁପାତରେ ବଢ଼ି ନ ଥାଏ କିମ୍ବା ସେଥିରେ ତାରତମ୍ୟ ଦେଖାଯାଇଥାଏ ଉକ୍ତ ଶିଶୁମାନଙ୍କ ନିମନ୍ତେ ଏହି ଶିବିର ଆୟୋଜିତ ହୋଇଥିଲା। ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ୬ମାସଠାରୁ ୫ବର୍ଷ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଓଜନ,ଉଚ୍ଚତା ମାପ କରି ଔଷଧ ପ୍ରଦାନ କରିଥିଲେ। ମା'ମାନଙ୍କୁ ପିଲାର ଯତ୍ନ ଓ ପୁଷ୍ଟିକର ଖାଦ୍ୟପେୟ ବାବଦରେ ଡାକ୍ତରୀଦଳ ବୁଝାଇବା ସହ ପିଲାଙ୍କୁ ଖାଇବାକୁ ଦେବାକୁ ଉପଦେଶ ଦେଇଥିଲେ। ଶିବିରରେ ବ୍ଲକର ସମସ୍ତ ଅଙ୍ଗନୱାଡି କର୍ମୀ, ମା'ମାନଙ୍କୁ ପିଲାର ଯତ୍ନ ଓ ପୁଷ୍ଟିକର ଖାଦ୍ୟପେୟ ବାବଦରେ ବୁଝାଇବା ସହ ପିଲାଙ୍କୁ ଖାଇବାକୁ ଦେବାକୁ ଉପଦେଶ ଦେଇଥିଲେ।



ଶିଶୁଙ୍କ ସହ ଶିବିରରେ ଉପସ୍ଥିତ ମହିଳାମାନେ।

# ଜନଜାତି ଲୋକକଳା ଉତ୍ସବ

ବାରିପଦା ଅଫିସ, ୩୦।୧୨

ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ଶହୀଦ ସ୍ମୃତି ଭବନ ପରିସରରେ ବନବାସୀ କଲ୍ୟାଣ ଆଶ୍ରମ ପକ୍ଷରୁ 'ଆନ୍ତଃରାଜ୍ୟ ଜନଜାତି ଲୋକକଳା ସଙ୍ଗମ' ଉତ୍ସବ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଶ୍ଚିମବଙ୍ଗ ସନାତନ କଲ୍ୟାଣ ଆଶ୍ରମର ପ୍ରତିଷ୍ଠାତା ପଦ୍ମଶ୍ରୀ କମଳୀ ସୋରେନ, ସମ୍ମାନିତ ଅତିଥି ଭାବେ ଟ୍ରାଇଫେଡର ଉପାଧ୍ୟକ୍ଷ ପବିତ୍ର କହଁର ଓ ବିଶେଷଜ୍ଞ ଡା.ଚନ୍ଦନ ମୁର୍ମୁ, ମୁଖ୍ୟବକ୍ତା ଭାବେ ବନବାସୀ କଲ୍ୟାଣ ଆଶ୍ରମର ଅଖିଳ ଭାରତୀୟ ଲୋକକଳା ପ୍ରମୁଖ ବୀରବଲ ସିଂହ, ଅନ୍ୟତମ ଅତିଥି ଝାଡ଼ଖଣ୍ଡ ରାଜ୍ୟ ଲୋକକଳା ନୃତ୍ୟ ବିଶେଷଜ୍ଞ ଡ. ରାଜକିଶୋର ହାଁସଦା ପ୍ରମୁଖ ଯୋଗଦେଇ ଜନଜାତି ଲୋକକଳା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଉତ୍ସବରେ ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟର ଜନଜାତି କଳାକାର ଗୋଷ୍ଠୀ ସାମିଲ ହୋଇଛନ୍ତି। ୨୪ ପ୍ରକାର ବିଭିନ୍ନ ଜନଜାତି ବର୍ଗର ୮ଶହରୁ ଉର୍ଦ୍ଧ୍ୱ କଳାକାର ଏଥିରେ ଅଂଶ ଗ୍ରହଣ କରିଛନ୍ତି। ପ୍ରାରମ୍ଭରେ କଳାକାରମାନେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ନୃତ୍ୟ ବାଦ୍ୟର ତାଳେ ତାଳେ ସହର ପରିକ୍ରମା କରିଥିଲେ। ବାରିପଦାର କବି ବିଷ୍ଣୁ ଶତପଥୀ, ଭାଜପା ଜିଲା ସଭାପତି କାନ୍ଦରା ସୋରେନ, ଗୋବିନ୍ଦ ମହାନ୍ତଙ୍କ ସମେତ ବହୁ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି। ଧୂମେଶ୍ୱର ବାସ୍କେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ କଳାକାରମାନେ ନିଜର କଳା,ସଂସ୍କୃତି ଓ ପରମ୍ପରାକୁ ନେଇ କଳା ପ୍ରଦର୍ଶନ କରିଥିଲେ।



ଜନଜାତି ଲୋକକଳା ଉତ୍ସବରେ ମଞ୍ଚାସୀନ ଅତିଥି।

# ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଲେ

**ମିଶନ ଶକ୍ତି ଆଡ୍‌ଭାଇଜରଙ୍କ ଭଦ୍ରକ ଗସ୍ତ**




ସମୀକ୍ଷା ବୈଠକରେ ଆଡ୍‌ଭାଇଜର ଲୋପାମୁଦ୍ରା ବକ୍ସିପାତ୍ରଙ୍କ ସହ ଅଧିକାରୀମାନେ।

ଭଦ୍ରକ ଅଫିସ, ୩୦।୧୨

ମିଶନ ଶକ୍ତି ଆଡ୍‌ଭାଇଜର ଲୋପାମୁଦ୍ରା ବକ୍ସିପାତ୍ର ଗୁରୁବାର ଭଦ୍ରକ ଜିଲା ଗସ୍ତ କରି ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି। ଭଣ୍ଡାରିପୋଖରୀ ବ୍ଲକ ସଦର ମହକୁମାରେ ପହଞ୍ଚି ବ୍ଲକ ମିଶନ ଶକ୍ତି ଭବନ ଓ ପାଟୁଳିର ଜୟ ଜଗନ୍ନାଥ ମସ୍‌ରୁମ୍ କ୍ଲଷ୍ଟର ପରିଦର୍ଶନ କରିଥିଲେ। ପରେ ବନ୍ତ ବ୍ଲକ କାଦବରାଙ୍ଗ ମହାଲକ୍ଷ୍ମୀ ଡାଲି ଉତ୍ପାଦିକା ଗୋଷ୍ଠୀଙ୍କ ପ୍ରକଳ୍ପ ଦେଖିଥିଲେ। ବଡ଼ବର୍ଚ୍ଚିକୟାଁଠାରେ ସ୍ୱୟଂସହାୟିକା ଗୋଷ୍ଠୀ ଦ୍ୱାରା କରାଯାଇଥିବା ସମନ୍ୱିତ କୃଷି ପରିଦର୍ଶନ କରିଥିଲେ। ଭଦ୍ରକ ବ୍ଲକର ଗେଲପୁରରେ ଥିବା ଓମ୍ ଶ୍ରୀ ରାଧାକାନ୍ତ ପେପର୍ ପ୍ଲେଟ୍ ଉତ୍ପାଦିକା ଗୋଷ୍ଠୀଙ୍କ ପ୍ରକଳ୍ପ ସହ ଭଦ୍ରକ ଆହାର କେନ୍ଦ୍ର ଏବଂ ୧ ନମ୍ବର ୱାର୍ଡ ମୁକ୍ତା ଯୋଜନାରେ ନିର୍ମିତ ପାର୍କ ବୁଲି ଦେଖିଥିଲେ।

କ୍ଷେତ୍ର ପରିଦର୍ଶନ ପରେ ମିଶନ ଶକ୍ତି ଯୋଜନାରେ କାର୍ଯ୍ୟଧାରା ବିଷୟରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ସମୀକ୍ଷା କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟଙ୍କ ଅଧକ୍ଷତାରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଆଡ୍‌ଭାଇଜରଙ୍କ ସହ ଡିପିଏମ୍ ସଞ୍ଜୟ କୁମାର ବାରିକ, ମିଶନ ଶକ୍ତିର ସେସ୍ୱାଲିଷ୍ଟ ସୌମ୍ୟ ରଞ୍ଜନ ସ୍ୱାଇଁ, ଡିପିସି ସୀତାଂଶୁ ଶେଖର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ୩ ମାସ ମଧ୍ୟରେ ମିଶନ ଶକ୍ତି ବଜାର ଏବଂ କାଫେ ସୃଷ୍ଟି ପାଇଁ ପରାମର୍ଶ ପ୍ରଦାନ କରିବା ସହ ଗୋଷ୍ଠୀମାନଙ୍କ ଦ୍ୱାରା ଉତ୍ପାଦର ପ୍ୟାକେଜିଂ, ବ୍ରାଣ୍ଡିଂ ଓ ମାର୍କେଟିଂ ଉପରେ ଗୁରୁତ୍ୱାରୋପ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

